ସୂଚନା ଓ ଲୋକ ସଂପର୍କ ବିଭାଗ
**Information & Public Relations Department**
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ

ଭୁବନେଶ୍ୱର, ୧୪/୦୨/୨୦୨୦

ଆଜି ସ୍ଥାନୀୟ ଜନତା ମଇଦାନଠାରେ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ହସ୍ତଶିଳ୍ପ ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ପରିସରରେ ଅଭନନ୍ଦନ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଦର୍ଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନ ହସ୍ତଶିଳ୍ପୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ କହିଛନ୍ତି ଯେ, ଓଡ଼ିଶା ହେଉଛି ହସ୍ତଶିଳ୍ପର ଭୂମି । ଏହା ଆମର ସାଂସ୍କୃତିକ ପରମ୍ପରାର ଅବିଚ୍ଛେଦ୍ୟ ଅଙ୍ଗ । ଉଭୟ ଗ୍ରାମ୍ୟ ଓ ସହରାଞ୍ଚଳରେ ସ୍ୱଳ୍ପ ପୁଞ୍ଜି ବିନିଯୋଗ, ସରଳ ଟେକ୍ନୋଲୋଜିର ବ୍ୟବହାର ଓ ମୂଲ୍ୟଯୁକ୍ତ ବଜାର ସୃଷ୍ଟିର ସୁଯୋଗ ସହିତ ଆତ୍ମନିଯୁକ୍ତି ପ୍ରଦାନ କରାଯାଇ ପାରୁଛି । ହସ୍ତଶିଳ୍ପରେ କାରିଗର ତା'ର ମନର ଭାଷା ପରିପ୍ରକାଶ କରିଥାଏ । ପ୍ରଦର୍ଶନୀ ମାଧ୍ୟମରେ କାରିଗରମାନଙ୍କ ମଧ୍ୟରେ ଭାବ ବିନିମୟ ହୋଇପାରିବ ।

ଓଡ଼ିଶାର ୮ ଜଣ ଶିଳ୍ପୀ ରାଷ୍ଟ୍ରୀୟ ସ୍ତରରେ ପୁରସ୍କାର ପ୍ରଦାନ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି, ଯାହା କି ବିଗତ ୨୫ ବର୍ଷ ମଧ୍ୟରେ ସର୍ବାଧିକ । ୧୯୬୭ ମସିହାରୁ ୨୦୧୭ ମସିହା ପର୍ଯ୍ୟନ୍ତ ଆମ ରାଜ୍ୟର ହସ୍ତଶିଳ୍ପୀମାନେ ସମୁଦାୟ ୧୬୫ଟି ଜାତୀୟ ହସ୍ତଶିଳ୍ପ ପୁରସ୍କାର ଓ ଜାତୀୟ ମେରିଟ୍ ସାର୍ଟିଫିକେଟ୍ ପାଇଛନ୍ତି । ଏହା ବ୍ୟତୀତ ଆମ ରାଜ୍ୟରୁ ୧୧ ଜଣ ଶିଳ୍ପଗୁରୁ, ୩ ଜଣ ପଦ୍ମଶ୍ରୀ ଓ ଜଣେ ପଦ୍ମବିଭୂଷଣ ପାଇବାରେ କୃତିତ୍ୱ ହାସଲ କରିଛନ୍ତି । ଆଜି ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହସ୍ତଶିଳ୍ପୀମାନଙ୍କୁ ମନ୍ତ୍ରୀ ଶ୍ରୀମତୀ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ସହିତ ଭାବବିନିମୟ କରିଥିଲେ ।

ଜନତା ମଇଦାନଠାରେ ଚାଲୁଥିବା ହସ୍ତଶିଳ୍ପ ମେଳା ଫେବୃଆରୀ ୭ରୁ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ । ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀରେ ୧୦୪ଟି ଷ୍ଟଲ୍ ନିର୍ମାଣ କରାଯାଇ ୧୧୨ ଜଣ କାରିଗରଙ୍କୁ ବିନାଦେୟରେ ପ୍ରଦାନ କରାଯାଇଛି । ଏହି ପ୍ରଦର୍ଶନରେ ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ୫୦ଟି ହସ୍ତଶିଳ୍ପ ମଧ୍ୟରୁ ପ୍ରାୟ ୨୮ଟି ହସ୍ତଶିଳ୍ପକୁ ପ୍ରଦର୍ଶନ ଓ ବିକ୍ରୟ ପାଇଁ ରଖାଯାଇଛି । ଏହି ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀରେ ୨୩ଟି ଜିଲ୍ଲାର କାରିଗର ଅଂଶଗ୍ରହଣ କରିଛନ୍ତି ।

ଦର୍ଶକ ଓ ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ନିମନ୍ତେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରସ୍ତୁତ ସୁସ୍ୱାଦୁ ଖାଦ୍ୟ ସାମଗ୍ରୀର ବ୍ୟବସ୍ଥା କରାଯାଇଛି । ସନ୍ଧ୍ୟାରେ ସୁନାମଧନ୍ୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି ।

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ
ସୂଚନା ଅଧିକାରୀ